# NATIONAL NEWS BULLETIN (ODIA)
## 13th March - 2024
## Morning Bulletin : 7.15 a.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପି.ଏମ୍.-ସୁରାଜ ଜାତୀୟ ପୋର୍ଟାଲ୍‌ର ଶୁଭାରମ୍ଭ କରିବେ ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥଙ୍କ ଉପସ୍ଥିତିରେ ଆଜି ଭାରତ ଓ ମରିସସ୍ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବ ।
- ହରିୟାନା ବିଜେପି ସଭାପତି ନୟାବ ସିଂ ସାଇନି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଗତକାଲି ସନ୍ଧ୍ୟାରେ ଶପଥ ନେଇଛନ୍ତି ।
- ଜମ୍ମୁ-କାଶ୍ମୀର ନ୍ୟାସନାଲ୍ ଫ୍ରଣ୍ଟ୍‌କୁ କେନ୍ଦ୍ର ସରକାର ବେଆଇନ ସଙ୍ଗଠନ ଭାବେ ଘୋଷଣା କରିଛନ୍ତି ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍‌ସ ଓ ଗୁଜରାଟ୍ ଜାଏଣ୍ଟ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ପି.ଏମ୍. ସୁରଜ - କ୍ରେଡିଟ୍ ସପୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅବହେଳିତ ବର୍ଗର ଲୋକମାନଙ୍କୁ ଋଣ ସହାୟତା ପ୍ରଦାନ କରାଯିବା ପାଇଁ ଉଦ୍ଦିଷ୍ଟ ରାଷ୍ଟ୍ରବ୍ୟାପୀ କାର୍ଯ୍ୟକ୍ରମରେ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗ ଦେବେ । ଏହି ଅବସରରେ ସେ ପି.ଏମ୍.-ସୁରାଜ୍ ଜାତୀୟ ପୋର୍ଟାଲ୍‌ର ଶୁଭାରମ୍ଭ କରିବେ ଏବଂ ସମାଜର ଅବହେଳିତ ବର୍ଗର ପ୍ରାୟ ୧ ଲକ୍ଷ ଉଦ୍ୟୋଗୀମାନଙ୍କୁ ଋଣ ସହାୟତା ପ୍ରଦାନ କାର୍ଯ୍ୟର ମଧ୍ୟ ଶୁଭାରମ୍ଭ କରିବେ । ଏହି ଅବସରରେ ସେ ବିଭନ୍ନ ସରକାରୀ ଯୋଜନାର ବିଶେଷକରି ସାମାଜିକ ଦୁର୍ବଳ ଶ୍ରେଣୀର ହିତାଧିକାରୀମାନଙ୍କ ସହିତ ବାର୍ତ୍ତାଳାପ କରିବେ । ପି.ଏମ୍.-ସୁରାଜ ହେଉଛି ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହାଦ୍ୱାରା ସମାଜର ଅବହେଳିତ ବର୍ଗର ଲୋକମାନଙ୍କୁ ବ୍ୟାଙ୍କ୍, ଅଣବ୍ୟାଙ୍କ୍ ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ପକ୍ଷରୁ ଋଣ ସହାୟତା ପ୍ରଦାନ କରାଯିବ । ଆଜି ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ଼, ସଫେଇ ମିତ୍ରମାନଙ୍କୁ ପି.ପି.ଇ. କିଟ୍ ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ

ଦେଶର ୫୦୦ଟି ଜିଲ୍ଲାରୁ ବିଭିନ୍ନ ସରକାରୀ ଯୋଜନାର ପ୍ରାୟ ୩ ଲକ୍ଷ ହିତାଧିକାରୀ ଯୋଗଦେବେ ।

## ପି.ଏମ୍. - ସେମିକଣ୍ଡକ୍ଟର ପ୍ରୋଜେକ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ 'India's Techade: Chips for Viksit Bharat' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଓ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ମୂଲ୍ୟର ତିନୋଟି ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଦେଶର ଯୁବାମାନଙ୍କୁ ଉଦ୍‌ବୋଧନ ଦେବେ।

ସେମିକଣ୍ଡକ୍ଟର ଡିଜାଇନ, ଉତ୍ପାଦନ ଓ ବୈଷୟିକ ଜ୍ଞାନ ବିକାଶ କ୍ଷେତ୍ରରେ ଭାରତକୁ ଏକ ମୁଖ୍ୟ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଭିଜନ ଅନୁସାରେ ଏହି ପ୍ରକଳ୍ପଗୁଡ଼ିକ ଆରମ୍ଭ ହେବ। ଏଗୁଡ଼ିକ ଦେଶର ଯୁବାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାକ ଯୁବା, କଲେଜ ଛାତ୍ରଛାତ୍ରୀ ଓ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରର ପେସାଦାରମାନେ ଅଂଶଗ୍ରହଣ କରିବେ।

## ପ୍ରେସିଡେଣ୍ଟ - ମରିସସ୍ ଭିଜିଟ୍

ଆଜି ଭାରତ ଓ ମରିସସ୍ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବ । ରାଷ୍ଟ୍ରପଦି ଦ୍ରୌପଦୀ ମୁର୍ମୁ ଓ ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥଙ୍କ ଉପସ୍ଥିତିରେ ଏହି ଆଲୋଚନା ଅନୁଷ୍ଠିତ ହେବ । ଏହି ଆଲୋଚନାରେ ବିଭିନ୍ନ ରାଜିନାମା ସ୍ୱାକ୍ଷରିତ ହେବା ସହ କେତେଗୁଡ଼ିଏ ପ୍ରକଳ୍ପର ଇ-ଉଦ୍‌ଘାଟନ କରାଯିବ । ଆଜି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମରିସସ୍‌ରେ ଥିବା କେତୋଟି ଐତିହାସିକ ଓ ଧାର୍ମିକ ସ୍ଥଳୀ ପରିଦର୍ଶନ କରିବେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ମରିସସ୍ ଗସ୍ତର ତୃତୀୟ ଦିନରେ ଆପ୍ରବାସୀ ଘାଟ ଓ ଆନ୍ତଃମହାଦେଶୀୟ ଦାସତ୍ୱ ସଂଗ୍ରହାଳୟ ପରିଦର୍ଶନ କରିବେ । ଶ୍ରୀମତୀ ମୁର୍ମୁ ଆଜି ଗଙ୍ଗା ତଲାଓ ମଧ୍ୟ ପରିଦର୍ଶନ କରିବେ । ମରିସସ୍‌ରେ ବିଶେଷକରି ହିନ୍ଦୁ ଧର୍ମାବଲମ୍ବୀମାନଙ୍କୁ ପାଇଁ ଗଙ୍ଗା ତଲାଓ ଏକ ଅତ୍ୟନ୍ତ ପବିତ୍ର କ୍ଷେତ୍ର । ମହାଶିବରାତ୍ରି ସମୟରେ ସେଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

## ହରିୟାଣା - ସି.ଏମ୍. ରିଜାଇନ୍

ହରିୟାନା ବିଜେପି ସଭାପତି ନୟାବ ସିଂ ସାଇନି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଗତକାଲି ସନ୍ଧ୍ୟାରେ ଶପଥ ନେଇଛନ୍ତି । ହରିୟାନା ଦାୟିତ୍ୱରେ ଥିବା

ବିଜେପି ନେତା ବିପ୍ଲବ ଦେବ’ ନୟାବ ସିଂ ସାଇନିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନେତୃତ୍ୱ ପରିବର୍ତ୍ତନର ତଦାରଖ ପାଇଁ ବିପ୍ଲବ ଦେବ ଓ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ହରିୟାନା ଯାଇଥିଲେ।

କୁରୁକ୍ଷେତ୍ରରୁ ଏମ୍.ପି. ଥିବା ଶ୍ରୀ ସାଇନି ରାଜ୍ୟ ବିଜେପି ବିଧାୟକ ଦଳର ନେତାଭାବେ ସର୍ବସମ୍ମତି କ୍ରମେ ଗତକାଲି ନିର୍ବାଚିତ ହୋଇଥିଲେ। ପାର୍ଟି ବୈଠକ ପରେ ସେ ହରିୟାନା ରାଜ୍ୟପାଳ  ଭବନକୁ ଯାଇ ସରକାର ଗଠନ ପାଇଁ ଆନୁଷ୍ଠାନିକ ଭାବେ ଦାବି ଉପସ୍ଥାପନ କରିଥିଲେ। ଲୋକସଭା ନିର୍ବାଚନ ଘୋଷଣା ହେବା ପୂର୍ବରୁ ହରିୟାନାରେ ବିଜେପି ଓ ଜନନାୟକ ଜନତା ପାର୍ଟି ମଧ୍ୟରେ ମେଣ୍ଟ ଭାଙ୍ଗିଯିବା ପରେ ହରିୟାଣାରେ ରାଜନୈତିକ ପରିବର୍ତ୍ତନ ହୋଇଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ୯୦ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପି ପ୍ରତି ୪୫ ରୁ ଅଧିକ ବିଧାୟକଙ୍କର ସମର୍ଥନ ଥିବା କଥା ପାର୍ଟି ଦାବି କରୁଛି।  ବିଜେପିର ୪୧ ଜଣ ବିଧାୟକ ଥିବାବେଳେ ୬ ଜଣ ନିର୍ଦ୍ଦଳୀୟ ବିଧାୟକ  ରହିଛନ୍ତି। ସେମାନେ ଶାସକ ମେଣ୍ଟର ଅଂଶୀଦାର ଥିଲେ ଓ ସରକାରଙ୍କ ପ୍ରତି ସେମାନଙ୍କର ସମର୍ଥନ ରହିଥିବା ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହରିୟାଣାର ନୂତନ ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଥିସହିତ ତାଙ୍କର କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେମାନେ ହରିୟାଣାବାସୀଙ୍କ ଆଶା ପୂରଣ କ୍ଷେତ୍ରରେ ପ୍ରୟାସ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶା କରିଛନ୍ତି ।

## ଗଡ଼କରୀ - ନ୍ୟାସନାଲ ହାଇୱେ

ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ  ଅରୁଣାଚଳ ପ୍ରଦେଶରେ ୨୬୫ କିଲୋମିଟର ଜାତୀୟ ରାଜପଥର ନିର୍ମାଣ ପାଇଁ ୬ ହଜାର ୬୨୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଏହି ରାଜପଥ ଗୁଡ଼ିକର ନିର୍ମାଣ ଦ୍ୱାରା ଦେଶର ସୀମା ଇଲାକାର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଘଟିବ। ସେ କହିଛନ୍ତି, ଏହି ସୀମାନ୍ତ ରାଜପଥ ଦେଶାନ୍ତରଣକୁ ରୋକିବା ସହ ଅରୁଣାଚଳ ପ୍ରଦେଶର ସୀମା ଇଲାକାକୁ ଆଗମନ ବୃଦ୍ଧି କରିବ।

ଶ୍ରୀ ଗଡ଼କରୀ କର୍ଣ୍ଣାଟକର ବେଲାରି ଓ ଅନନ୍ତପୁର ଜିଲ୍ଲା ଦେଇ ୧୩ କିଲୋମିଟର ଜାତୀୟ ରାଜପଥ ପାଇଁ ୬୨୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ସେ ୩୭୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ଗଭ. - ଫାର୍ମା କମ୍ପାନୀ

ସରକାର ସମସ୍ତ ଫାର୍ମାସିଉଟିକାଲ୍ ସଙ୍ଗଠନକୁ ଦେଶରେ ଔଷଧ ବିପଣନ ବ୍ୟବସ୍ଥାପାଇଁ ଏଥିକ୍ସ କମିଟି ଗଠନ କରିବା ସହିତ ସେମାନଙ୍କର

ୱେବ୍‌ସାଇଟ୍‌ରେ ୟୁନିଫର୍ମ କୋଡ୍ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ରସାୟନ ଓ ସାର ମନ୍ତ୍ରଣାଳୟ କହିଛି, କୌଣସି ଔଷଧ ବିତରକ ସଂସ୍ଥା ପକ୍ଷରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଡ଼ିତ ପେସାଦାରମାନଙ୍କୁ ବା ସେମାନଙ୍କ ପରିବାରବର୍ଗଙ୍କୁ ବ୍ୟକ୍ତିଗତ ଉପହାର ପ୍ରଦାନ କରାଯିବା ଉଚିତ ନୁହେଁ । ମନ୍ତ୍ରଣାଳୟ କହିଛି, ଔଷଧ ପ୍ରସ୍ତୁତକାରୀ ସଂସ୍ଥା ବା ବିତରକ ସେମାନଙ୍କ ରିପ୍ରେଜେଣ୍ଟେଟିଭ୍‌ମାନଙ୍କୁ ଦେଶ କିମ୍ୱା ଦେଶ ବାହାରକୁ ଭ୍ରମଣ ସୁବିଧା ପ୍ରଦାନ ବ୍ୟବସ୍ଥା ବନ୍ଦ୍ କରିବା ଉଚିତ । ଯେଉଁମାନେ ରୋଗୀମାନଙ୍କୁ ଔଷଧ ଲେଖିବାପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ମାଗଣା ନମୁନା ଔଷଧ ପ୍ରଦାନ ନ କରିବାକୁ ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟ ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ମାନଙ୍କୁ ସେମାନଙ୍କ ପେସାରେ ଉଚ୍ଚ ନୈତିକତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଛି ।

## ଫ୍ଲାଏ-୯୧ ଏୟାର ଲାଇନ୍‌ସ

ଚଳିତ ମାସ ୧୮ ତାରିଖରୁ ନୂତନ ଏୟାର୍ ଲାଇନ୍‌ସ ଫ୍ଲାଏ-୯୧ ଉଡ଼ାଣ ଆରମ୍ଭ କରିବ । ଗତକାଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ନୂତନ ଏୟାର୍ ଲାଇନ୍ସ ଫ୍ଲଏ-୯୧କୁ ମଞ୍ଜୁରି ପ୍ରଦାନ କରାଯାଇଛି । ପ୍ରଥମ ଦଫାରେ ଫ୍ଲଲଏ-୯୧ ଗୋଆରୁ ବେଙ୍ଗାଲୁରୁ ଓ

ହାଇଦ୍ରାବାଦ ମଧ୍ୟରେ ସେବା ପ୍ରଦାନ କରିବ ବୋଲି ଏୟାର ଲାଇନ୍‌ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଛାକୋ କହିଛନ୍ତି । ଗତକାଲି ବିଭାଗୀୟ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପତାକା ଦେଖା ଗୋଆରୁ ଲାକ୍ଷାଦ୍ୱୀପ ପର୍ଯ୍ୟନ୍ତ ଏହି ଏୟାର ଲାଇନ୍ସ ବିମାନର ପରୀକ୍ଷାମୂଳକ ଶୁଭାରମ୍ଭ କରିଥିଲେ ।

## ଆଇ.ସି.ଜି. - ଡ୍ରଗ୍‌ସ

ଗୁଇନ୍ଦା ରିପୋର୍ଟକୁ ଆଧାର କରି ଏକ ମିଳିତ ଚଢ଼ଉ ବଳରେ ଭାରତୀୟ ତଟରକ୍ଷୀ ବାହିନୀ ଏକ ପାକିସ୍ତାନୀ ଡଙ୍ଗାକୁ ଜବତ କରିଛି । ଏଥିରେ ୬ ଜଣଙ୍କୁ ଗିରଫ କରାଯିବା ସହିତ ୪୮୦ କୋଟି ଟଙ୍କାର ନିଶା ସାମଗ୍ରୀ ଜବତ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ଇସ୍ତାହାରରେ କୁହାଯାଇଛି, ଏହି ଡଙ୍ଗାକୁ ଆରବ ସାଗରରେ ପୋର ବନ୍ଦରଠାରୁ ୩୫୦ କିଲୋମିଟର ଦୂରରେ ଧରା ଯାଇଥିଲା । ଭାରତୀୟ ତଟରକ୍ଷୀ ବିହନୀ, ନାର୍‌କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋ ଏବଂ ଏ.ଟି.ଏସ୍. ଗୁଜରାଟ୍‌ର ମିଳିତ ଚଢ଼ଉରେ ଏହି ସଫଳତା ମିଳିଛି । ସେହି ଡଙ୍ଗାରୁ ୮୦ କିଲୋଗ୍ରାମର ନିଶା ସାମଗ୍ରୀ ମିଳିଛି । ସେହି ଡଙ୍ଗାକୁ ପୋର ବନ୍ଦରକୁ ଅଣାଯାଇ ଅଧିକ ତଦନ୍ତ କରାଯାଉଛି । ସୂଚନାଯୋଗ୍ୟ, ଗତ ୩ ବର୍ଷ ମଧ୍ୟରେ ଗତକାଲିର ଦଶମ ଚଢ଼ାଉ ସହିତ ମୋଟ ୫୧୭ କିଲୋଗ୍ରାମ ନିଶା

ସାମଗ୍ରୀ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ହଜାର କୋଟି ଟଙ୍କା ହେବ ।

## ସେଣ୍ଟର୍ - ଅନ୍‌ଲଫୁଲ୍ ଆସୋସିଏସନ୍

ଜମ୍ମୁ-କାଶ୍ମୀର ନ୍ୟାସନାଲ୍ ଫ୍ରଣ୍ଟ୍‌କୁ କେନ୍ଦ୍ର ସରକାର ବେଆଇନ ସଙ୍ଗଠନ ଭାବେ ଘୋଷଣା କରିଛନ୍ତି । ଆସନ୍ତା ୫ ବର୍ଷପାଇଁ ସଙ୍ଗଠନକୁ ବେଆଇନ ଘୋଷଣା କରାଯାଇଛି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଏହି ସଙ୍ଗଠନ ଜମ୍ମୁ-କାଶ୍ମୀରକୁ ଭାରତରୁ ଅଲଗା କରିବାପାଇଁ ବିଭିନ୍ନ ବିଚ୍ଛିନ୍ନତାମୂଳକ କାର୍ଯ୍ୟକ୍ରମ କରିଆସୁଥିଲା । ଏହି ସଙ୍ଗଠନ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଇ ଦେଶର ନିରାପତ୍ତା, ସଂହତି ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିଲା । ଦେଶବାସୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବାପାଇଁ ମୋଦି ସରକାରଙ୍କ ପ୍ରତିବଦ୍ଧତା ଆଧାରରେ ଏହି ପଦକ୍ଷେପ ନିଆଯାଇଛି ।

# ରୁଷ୍ - ଏୟାର ଆକ୍ସିଡେଣ୍ଟ

ରୁଷ୍‌ର ଏକ ସେନା କାର୍ଗୋ ବିମାନ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରୁ ୮ ଜଣ କ୍ରୁ ସଦସ୍ୟ ଏବଂ ୭ ଜଣ ଯାତ୍ରୀ ଥିଲେ । ରୁଷ୍ ପକ୍ଷରୁ କୁହାଯାଇଛି, ଏହି ବିମାନଟି ମସ୍କୋରୁ ପ୍ରାୟ ୨୦୦ କିଲୋମିଟର ଦୂର ଇଭାନୋନୋ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନର ଏକ ଇଞ୍ଜିନ୍‌ରେ ନିଆଁ ଲାଗିଯିବା ପରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

# ଡବ୍ଲ୍ୟୁ.ପି.ଏଲ୍.

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍ ଗତବର୍ଷର ଚାମ୍ପିୟନ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ୭ ୱିକେଟ୍‌ରେ ହରାଇ ଦେଇଛି । ଗତକାଲି ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବାଙ୍ଗାଲୋର ଦଳ ଟସ୍ ଜିତି ଫିଲ୍‌ଡିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ଦଳ ୧୯ ଓଭର୍‌ରେ ୧୧୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ବାଙ୍ଗାଲୋର ଦଳ ପକ୍ଷରୁ ଏଲିସେ ପେରି ୬ଟି ୱିକେଟ୍ ହାସଲ କରିଥିଲେ । ପରେ ବାଙ୍ଗାଲୋର ଦଳ ୧୧୪ ରନ୍‌ର ବିଜୟ ଲକ୍ଷ୍ୟକୁ ମାତ୍ର

୧୫ ଓଭର୍‌ରେ ହାସଲ କରିନେଇଥିଲା । ଏହି ବିଜୟ ସହିତ ବାଙ୍ଗାଲୋର ଦଳ ପ୍ଲେ-ଅଫ୍ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ପଏଣ୍ଟ ତାଲିକାରେ ମୁମ୍ବାଇ ଦଳ ୫ଟି ବିଜୟ ୩ଟି ପରାଜୟ ସହ ମୋଟ୍ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି ।

ଆଜି ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ଗୁଜରାଟ୍ ଜାଏଣ୍ଟ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****